ଅନୁପମ ଭାରତ ଶନିବାର ୨୭ ଫେବୃୟାରୀ ୨୦୧୦, ଭୁବନେଶ୍ୱର

# ଆଇଟିଇଆର' ବାର୍ଷିକ ଉତ୍ସବ ଜେନେସିସ୍-୧୦ ଉଦ୍‌ଘାଟିତ



ଭୁବନେଶ୍ୱର, ୨୫।୨ (ଅନୁପମ ମିଡିଆ): ଅଗ୍ରଣୀ ବୈଷୟିକ ବିଦ୍ୟାଳୟ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ଆଇଟିଇଆର କଲେଜର ବାର୍ଷିକ ଉତ୍ସବ ଜେନେସିସ୍-୧୦ ଜାଗମରାସ୍ଥିତ ନିଜସ୍ୱ କ୍ୟାମ୍ପସଠାରେ ଉଦଘାଟିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ଅତିଥି ଭାବେ ୱିପ୍ରୋର ଆନ୍ତର୍ଜାତୀୟ ମାନବ ସମ୍ବଳ ମୁଖ୍ୟ କାନନ ରାମାୟା ଉତ୍ସବକୁ ଉଦଘାଟନ କରିଥିଲେ । କଲେଜର ଡିନ୍ ପ୍ରଫେସର କେ.କେ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବିଭାଗର ଡିନ୍ ପ୍ରଫେସର ଏସ.ସି ମିଶ୍ର ନିଜ ବକ୍ତବ୍ୟରେ ଆଗାମୀ ଭବିଷ୍ୟତ ତଥା ଆଇଟିଇଆରର ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚତର ଶିକ୍ଷା ଓ ସୁନ୍ଦର ଭବିଷ୍ୟତ ଗଠନ ପାଇଁ ପରାମର୍ଶ ଦେଇଥିଲେ । ମୁଖ୍ୟ ଅତିଥି ରାମାୟା ନିଜ ବକ୍ତବ୍ୟରେ ପିଲାମାନଙ୍କୁ ଧୈର୍ଯ୍ୟଶୀଳ ହେବାପାଇଁ କହିବା ସହିତ ଆମ ପିଲାମାନଙ୍କ ପାଖରେ ଯେ କୌଣସି ନୂତନ କାର୍ଯ୍ୟପାଇଁ ପ୍ରବଳ ଇଚ୍ଛାଶକ୍ତି ଓ କ୍ଷମତା ଭରପୂର ଭାବେ ରହିଛି ବୋଲି ସେ କହିଥିଲେ । ଅନୁଷ୍ଠାନର ଅତିରିକ୍ତ ଡିନ୍ ପ୍ରଫେସର କେ.କେ ହୋତା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ କଲେଜର ନିର୍ଦ୍ଦେଶକ ଡ.ମାନସ ମଲ୍ଲିକ, ପ୍ରଫେସର ବି.କେ ସରାଫ୍, ବିଭିନ୍ନ ବିଭାଗର ମୁଖ୍ୟ ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମର ସଫଳତା ପାଇଁ ବିଶ୍ୱବିଦ୍ୟାଳୟର ସଭାପତି ପ୍ରଫେସର ମନୋରଂଜନ ନାୟକ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।